କ୍ରିଷନ

ବନାମ

ହରିୟାଣା ରାଜ୍ୟ

ମଇ 1, 1997

[ଏମ୍. କେ. ମୁଖାର୍ଜୀ ଏବଂ କେ. ଭେଙ୍କଟସ୍ୱାମୀ, ନ୍ୟାୟମୂର୍ତ୍ତିଦ୍ୱୟ]

*ଭାରତୀୟ ଦଣ୍ଡ ସଂହିତା, 1866:*

*ଧାରା 302- ହତ୍ୟା- ଅଭିଯୁକ୍ତ ପୂର୍ବରୁ ଏକ ହତ୍ୟା ମାମଲାରେ ଆଜୀବନ କାରାଦଣ୍ଡ ଭୋଗୁଥିବା ସମୟରେ, ନିଜ ଭିଣୋଇଙ୍କୁ ହତ୍ୟା କରିଥିଲେ, ଯିଏ କି ଜଣେ ବିଚାରାଧୀନ କଏଦୀ ଥିଲେ- ବିଚାର କରୁଥିବା ଅଦାଲତ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ ଏବଂ ତାଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରିଥିଲେ- ଉଚ୍ଚ ନ୍ୟାୟାଳୟ ଦୋଷୀ ସାବ୍ୟସ୍ତ ଏବଂ ଦଣ୍ଡାଦେଶକୁ ବଳବତ୍ତର ରଖିଥିଲେ- ନିର୍ଣ୍ଣୟ ହୋଇଛି, ମୃତ୍ୟୁଦଣ୍ଡ ପ୍ରଦାନ ପ୍ରଶ୍ନ ଉପରେ ବିଚାର କରିବା ସମୟରେ ଜଣେ ଅପରାଧୀର ଅପରାଧିକ ପ୍ରବୃତ୍ତିକୁ ଏକ କାରକ ଭାବରେ ବିଚାରକୁ ନେବା ଆବଶ୍ୟକ, କିନ୍ତୁ ଏହା ଏପରି ଦଣ୍ଡ ପାଇଁ ଏକମାତ୍ର ଆଧାର ହୋଇପାରିବ ନାହିଁ; କାରଣ ଅପରାଧ ସହ ଜଡ଼ିତ ଅନ୍ୟ ସମସ୍ତ କାରକ ଯେପରିକି ଅପରାଧର ଉଦ୍ଦେଶ୍ୟ, କାରଣ ଏବଂ ଏହାର ଭୟାବହତାକୁ ମଧ୍ୟ ବିଚାରକୁ ନିଆଯିବା ଉଚିତ- ଏହି ପରିସ୍ଥିତିରେ ବର୍ତ୍ତମାନର ଏହି ମାମଲାଟି ବିରଳରୁ ବିରଳତମ ମାମଲାଗୁଡ଼ିକ ମଧ୍ୟରୁ ଗୋଟିଏ ନୁହେଁ, ଯେଉଁଠାରେ ମୃତ୍ୟୁଦଣ୍ଡ ଦିଆଯିବା ଉଚିତ- ମୃତ୍ୟୁଦଣ୍ଡକୁ ହ୍ରାସ କରାଯାଇଛି ଏବଂ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଛି- ଜୋରିମାନା ଦଣ୍ଡକୁ କାଏମ ରଖାଯାଇଛି ।*

ଫୌଜଦାରୀ ଆବେଦନ କ୍ଷେତ୍ରାଧିକାର: ଫୌଜଦାରୀ ଆବେଦନ ସଂଖ୍ୟା 91/1997

13.9.96 ତାରିଖରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟଳୟଙ୍କ ଫୌଜଦାରୀ ଆବେଦନ ସଂଖ୍ୟା 592-DB/95 ଏବଂ ହତ୍ୟା ସନ୍ଦର୍ଭ ସଂଖ୍ୟା 8/1995

ସତ୍ୟପାଲ ଖୁଶାଲ ଚାନ୍ଦ ଆବେଦନକାରୀ ପାଇଁ ।

ପ୍ରେମ ମାଲହୋତ୍ରା (ଏନପି) ଉତ୍ତରଦାତାଙ୍କ ପାଇଁ ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଉଚ୍ଚ ନ୍ୟାୟାଳୟ ଦ୍ୱାରା ତାଙ୍କ ଆବେଦନ ଖାରଜ ହେବାର ପରିଣାମ ସ୍ୱରୂପ, ଏଠାରେ ଆବେଦନକାରୀ କ୍ରିଷନ ଆଇ. ପି. ସି. ର ଧାରା 302 ଅନୁଯାୟୀ ଦୋଷୀ ସାବ୍ୟସ୍ତ ହୋଇଛନ୍ତି ଏବଂ ଅକ୍ଟୋବର 23,1994 ରେ ଜିଲ୍ଲା କାରାଗାର, ସୋନିପତ ଭିତରେ ତାଙ୍କ ଭିଣୋଇ ରଣବୀରଙ୍କ ହତ୍ୟା କରିଥିବାରୁ, ମୃତ୍ୟୁଦଣ୍ଡରେ ଦଣ୍ଡିତ ହୋଇଛନ୍ତି, ଯେଉଁଠାରେ ପୂର୍ବତନ ଆସାମୀ ଜଣକ ଆଜୀବନ କାରାଦଣ୍ଡର ଦଣ୍ଡ ଭୋଗୁଥିଲେ ଏବଂ ପରବର୍ତ୍ତୀ ଆସାମୀ ଜଣକ ବିଚାରାଧୀନ କଏଦୀ ଥିଲେ ।

ଅଭିଯୋଜନ ମାମଲା ଅନୁଯାୟୀ, ଦୁର୍ଭାଗ୍ୟଜନକ ଦିନରେ ଅର୍ଥାତ ପୂର୍ବାହ୍ନ ପ୍ରାୟ 10.45 ସମୟରେ, ବୃତିରେ ଭଣ୍ଡାରି ଥିବା ରାମ ଫଳ (ପି.ଡବ୍ଲୁ.3) ଙ୍କ ଦ୍ୱାରା ଯେତେବେଳେ ମୃତକ ବ୍ୟକ୍ତି ଜେଲର ବାରାକ ସଂଖ୍ୟା 3 ରେ ନିଜର ଦାଢ଼ି କାଟୁଥିଲେ ଏବଂ ସେହି ସମୟରେ ସେ ମଧ୍ୟ ସଜା କଟୁଥିଲେ, ସେତେବେଳେ ଅଭିଯୁକ୍ତ ଜଣକ ହାତରେ କୋଦାଳ (ଫାଉଡା) ଧରି

ସେଠାରେ ପହଞ୍ଚିଥିଲେ ଏବଂ ତାଙ୍କ ସହ ଜମିବାଡ଼ି ବିବାଦ ଥିବା ରଣବୀରଙ୍କ ମୁଣ୍ଡକୁ ସେ କୋଦାଳରେ ଦୁଇଟି କ୍ରମାଗତ ଚୋଟ ମାରିଥିଲେ, ଫଳରେ ସେ ତଳେ ପଡ଼ିଯାଇ ଥିଲେ ଏବଂ ପ୍ରବଳ ରକ୍ତସ୍ରାବ ହୋଇଥିଲା । ରାମ ଫଳ ଏକ ଚିତ୍କାର କରିଥିଲେ, ଫଳରେ ପାଖରେ କାର୍ଯ୍ୟରତ ଥିବା ମୁଖ୍ୟ କନଷ୍ଟେବଳ ସୋମ ନାଥଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ରାମ ଫଳ ଏବଂ ସୋମନାଥ ଆବେଦନକାରୀଙ୍କୁ ଗୋଡ଼ାଇଥିଲେ, ଯିଏକି ଏହି ସମୟରେ କୋଦାଳ ସହିତ ପଳାଇ ଯାଇଥିଲା ଏବଂ ତାକୁ ବହୁତ କଷ୍ଟରେ କାବୁ କରିଥିଲେ । ସେମାନେ ତାଙ୍କଠାରୁ କୋଦାଳ ଛଡ଼ାଇ ନେଇଥିଲେ ଏବଂ ତାକୁ ବାରାକ୍ ସଂଖ୍ୟା 4 ଭିତରେ ରଖିଥିଲେ । ଏହାପରେ ସେମାନେ କାରାଗାରର ସହକାରୀ ଅଧୀକ୍ଷକ ଶ୍ରୀ ଅଶୋକ କୁମାର (ପି. ଡବ୍ଲ୍ୟୁ. 4) ଙ୍କ ପାଖକୁ ଯାଇ ଘଟଣା ବିଷୟରେ ବର୍ଣ୍ଣନା କରିଥିଲେ ଏବଂ ତାଙ୍କୁ କୋଦାଳ ମଧ୍ୟ ହସ୍ତାନ୍ତର କରିଥିଲେ । ଏହାପରେ ଶ୍ରୀ କୁମାର, ରଣବୀରଙ୍କୁ ସୋନିପତ ସ୍ଥିତ ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରିବା ପାଇଁ ଏକ ଯାନର ବ୍ୟବସ୍ଥା କରିଥିଲେ ।ସେଠାରେ ରଣବୀରଙ୍କୁ ଡକ୍ଟର ଆର. ଆର. ମିତ୍ତଲ (ପି. ଡବ୍ଲ୍ୟୁ. 1) ପରୀକ୍ଷା କରିଥିଲେ ଏବଂ ସେ ନିମ୍ନଲିଖିତ ବିବରଣୀ ଦେଇଥିଲେ:

> "1. ବାମ କାନର ସମ୍ମୁଖ ଭାଗରୁ ଆରମ୍ଭ ହୋଇ ମୁଣ୍ଡ ଖପୁରିର ମଧ୍ୟଭାଗରୁ ଉପର ପର୍ଯ୍ୟନ୍ତ ବ୍ୟାପିଥିବା ଏକ ଧାରୁଆ ଅସ୍ତ୍ର ଜନିତ କ୍ଷତ ଚିହ୍ନ, ଯାହାର ଆକାର 12 x 1 ସେଣ୍ଟିମିଟର ଏବଂ ଏହା ହାଡ଼ ପର୍ଯ୍ୟନ୍ତ ଗଭୀର ଅଟେ । କ୍ଷତ ସ୍ଥାନରୁ ସତେଜ ରକ୍ତସ୍ରାବ ହେଉଥିଲା ଏବଂ ମସ୍ତିଷ୍କର ଭିତର ଅଂଶ ବାହାରକୁ ବାହାରିଥିଲା ଏବଂ
>
> 2. ମୁଣ୍ଡର ମଝି ଭାଗରୁ ପାର୍ଶ୍ୱ-କାନ ଅଞ୍ଚଳ ପର୍ଯ୍ୟନ୍ତ ଏକ 10 x 1 ସେଣ୍ଟିମିଟରର ଧାରୁଆ କ୍ଷତ ଚିହ୍ନ, ଯାହା ହାଡ ପର୍ଯ୍ୟନ୍ତ ଗଭୀର ଏବଂ ସେଥିରୁ ସତେଜ ରକ୍ତସ୍ରାବ ହେଉଥାଇ । କ୍ଷତ ସ୍ଥାନରୁ ମସ୍ତିଷ୍କର ଭିତର ଅଂଶ ବାହାରି ଥିଲା । ଖପୁରୀର ରଞ୍ଜନ ରଶ୍ମୀ କରିବା ପାଇଁ ପରାମର୍ଶ ଦିଆଯାଇଥିଲା ଏବଂ ଶଲ୍ୟ ଚିକିତ୍ସକଙ୍କ ମତାମତ ଲୋଡାଯାଇଥିଲା ।"

ଡାକ୍ତରଙ୍କ କହିବା ଅନୁଯାୟୀ, ଉପରୋକ୍ତ ଉଭୟ କ୍ଷତ, କୋଦାଳ ଭଳି ଧାରୁଆ ଅସ୍ତ୍ର ଦ୍ୱାରା ହୋଇଥାଇପାରେ । ଡାକ୍ତର ମଧ୍ୟାହ୍ନ 12 ଟା ବେଳେ ସୋନିପତ ସ୍ଥିତ ଜେନେରାଲ ହସ୍ପିଟାଲ୍ ପୋଲିସ ପୋଷ୍ଟର ପ୍ରଭାରୀଙ୍କ ପାଖକୁ ଏକ ସୂଚନା ପତ୍ର (ପ୍ରଦର୍ଶ PB) ପଠାଇଥିଲେ ।

ସିଟି ପୋଲିସ ଷ୍ଟେସନରୁ ଏକ ଟେଲିଫୋନ୍ ବାର୍ତ୍ତା ପାଇବା ପରେ, ଏସ୍. ଆଇ. ଆମି ସିଂ (ପି. ଡବ୍ଲ୍ୟୁ. 8), ଯିଏ ସେତେବେଳେ ସୋନିପତ, ଗୋହାନା ରୋଡ, ପୋଲିସ୍ ପୋଷ୍ଟ ଦାୟିତ୍ୱରେ ନିଯୁକ୍ତ ହୋଇଥିଲେ, ପ୍ରଥମେ ସୋନିପତର ଜେନେରାଲ୍ ହସ୍ପିଟାଲକୁ ଯାଇଥିଲେ, ଯେଉଁଠାରେ ସେ ଜାଣିବାକୁ ପାଇଲେ ଯେ ରଣବୀର ସିଂଙ୍କୁ ରୋହତକର ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟକୁ ପଠାଯାଇଛି । ଏହା ପରେ, ସେ ସୋନିପତ ଜିଲ୍ଲା କାରାଗାରକୁ ଆସିଥିଲେ, ଯେଉଁଠାରେ ଚନ୍ଦର ସିଂ (ପି. ଡବ୍ଲ୍ୟୁ. 7) ଘଟଣା ସମ୍ପର୍କରେ ଏକ ବୟାନ ଦେଇଥିଲେ (ପ୍ରଦର୍ଶ PG )। ଏକ ମାମଲା ପଞ୍ଜିକରଣ ପାଇଁ ସେ ଉକ୍ତ ବୟାନକୁ ପଠାଇଥିଲେ ଏବଂ ତଦନ୍ତ ଆରମ୍ଭ କରିଥିଲେ । ଏହା ପରେ ଏସ୍. ଆଇ. ଆମି ସିଂହ, ରାମ ଫଳ, ସୋମନାଥ ଏବଂ ଅଶୋକ କୁମାରଙ୍କ ବୟାନ, ଫୌଜଦାରୀ କାର୍ଯ୍ୟବିଧି ସଂହିତାର ଧାରା 161 ଅଧୀନରେ ଲିପିବଦ୍ଧ କରିଥିଲେ । ସେ ଅଶୋକ କୁମାରଙ୍କ ଠାରୁ କୋଦାଳ ଅକ୍ତିଆର କରିଥିଲେ (ପ୍ରଦର୍ଶ P1) ଏବଂ ଘଟଣା ସ୍ଥଳରୁ କିଛି ରକ୍ତ ଦାଗଯୁକ୍ତ ମାଟି ଜବତ କରିଥିଲେ । ସେ ମଧ୍ୟ ସ୍ଥାନର ଏକ ଅସ୍ଥାୟୀ ନକ୍ସା ପ୍ରସ୍ତୁତ କରିଥିଲେ (ପ୍ରଦର୍ଶ PI) ।

1994 ମସିହା ଅକ୍ଟୋବର ମାସର 26/27 ତାରିଖ ରାତିରେ ତଦନ୍ତ ଅଧିକାରୀ ରୋହତକର ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟରୁ ଏକ ବାର୍ତ୍ତା ପାଇଥିଲେ ଯେ ରଣବୀର ସିଂହଙ୍କ ମୃତ୍ୟୁ ହୋଇସାରିଛି । ଏହି ବାର୍ତ୍ତା ପାଇବା ପରେ ଏସ୍. ଆଇ. ଆମି ସିଂହ, ଏଚ୍. ସି. ଧାରା ସିଂହ ଏବଂ କନଷ୍ଟେବଳ ସୁରେଶ କୁମାରଙ୍କ ସହ ସେଠାରେ ପହଞ୍ଚି ମୃତ୍ୟୁ ସମ୍ବନ୍ଧୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ (ପ୍ରଦର୍ଶ PX)। ଏହାପରେ ସେ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ ।

ରୋହତକର ସିଭିଲ ହସ୍ପିଟାଲରେ ଡାକ୍ତର ଏ. ପି. ଶର୍ମା (ପି. ଡବ୍ଲ୍ୟୁ. 10) ଙ୍କ ଦ୍ୱାରା ଶବ ବ୍ୟବଚ୍ଛେଦ କରାଯାଇଥିଲା ଏବଂ ସେ ଆଇନଗତ ଡାକ୍ତରୀ ଚିକିତ୍ସା ବିବରଣୀ ଅନୁଯାୟୀ ସେହି ବ୍ୟକ୍ତିଙ୍କ ଉପରେ ଦୁଇଟି କ୍ଷତ ଚିହ୍ନଟ କରିଥିଲେ । ଡାକ୍ତରଙ୍କ କହିବା ଅନୁଯାୟୀ, ଆଘାତଗୁଡ଼ିକ ମୃତ୍ୟୁ ପୂର୍ବରୁ ହୋଇଥିଲା ଏବଂ ସାଧାରଣ ପରିସ୍ଥିତିରେ ମୃତ୍ୟୁ ଘଟାଇବା ପାଇଁ ଯଥେଷ୍ଟ ଥିଲା ।

ଅନ୍ୟ କୌଣସି ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ପୂର୍ବରୁ ସୋନିପତ ଜିଲ୍ଲା କାରାଗାରରେ ବନ୍ଦୀ ଥିବା ଆବେଦନକାରୀଙ୍କୁ ଏସ୍. ଆଇ. ଆମି ସିଂହ ଗିରଫ କରିଥିଲେ । 23.10.1994 ରେ, ଏସ୍. ଆଇ. ଆମି ସିଂହ ଏକ ଥଳିରେ ଭଲଭାବେ ବନ୍ଧା ହୋଇଥିବା କୋଦାଳକୁ ପ୍ରଦର୍ଶ P.1 ଏବଂ ରକ୍ତ ଭିଜା ମାଟି ଥିବା ଅନ୍ୟ ଏକ ଥଳିକୁ ମୋହରିର ମାଲଖାନା ରଣଧୀର ସିଂହଙ୍କ ପାଖରେ ଜମା କରିଥିଲେ ଏବଂ 16.11.1994 ତାରିଖ ଦିନ ଉକ୍ତ ମୁଖ୍ୟ କନଷ୍ଟେବଳ ରଣଧୀର ସିଂହ ନ୍ୟାୟିକ ବିଜ୍ଞାନ ପରୀକ୍ଷାଗାରରେ ପହଞ୍ଚାଇବା (ଏଫ.ଏସ.ଏଲ.) ପାଇଁ ଉକ୍ତ ଅକ୍ଷତ ଥଳିଗୁଡ଼ିକୁ କନଷ୍ଟେବଳ ବିନୋଦ କୁମାରଙ୍କୁ ହସ୍ତାନ୍ତର କରିଥିଲେ ଏବଂ ଉକ୍ତ କନଷ୍ଟେବଳ ସେହି ଦିନ ହିଁ ସେଗୁଡ଼ିକୁ ସେଠାରେ ସମ୍ପୂର୍ଣ୍ଣ ସୁରକ୍ଷିତ ଅବସ୍ଥାରେ ପହଞ୍ଚାଇଥିଲେ । ପରବର୍ତ୍ତୀ ସମୟରେ, ମଧୁବନର ଏଫ୍. ଏସ୍. ଏଲ୍. ରୁ ପ୍ରଦର୍ଶ PP ଭାବରେ ବିବରଣୀ ଗ୍ରହଣ କରାଯାଇଥିଲା ଯେ କୋଦାଳ (ପ୍ରଦର୍ଶ P.1) ରେ ମଣିଷ ରକ୍ତ ଲାଗି ଥିଲା ଏବଂ ସେହି ସ୍ଥାନରୁ ରକ୍ତ ଦାଗଯୁକ୍ତ ମାଟି ଉଠାଯାଇଥିଲା ।ତଦନ୍ତ ଶେଷ ହେବା ପରେ ପୋଲିସ ଆବେଦନକାରୀଙ୍କ ବିରୋଧରେ ଅଭିଯୋଗ-ଫର୍ଦ୍ଦ ଦାଖଲ କରିଥିଲା ଏବଂ ଠିକ୍ ସେହି ସମୟରେ ମାମଲାଟି ଦୌରା ଅଦାଲତକୁ ହସ୍ତାନ୍ତର କରାଯାଇଥିଲା ।

ଆବେଦନକାରୀ, ତାଙ୍କ ବିରୋଧରେ ଅଣାଯାଇଥିବା ଅଭିଯୋଗକୁ ଅସ୍ୱୀକାର କରିଥିଲେ ଏବଂ କହିଥିଲେ ଯେ ତାଙ୍କୁ ମିଥ୍ୟାରେ ଫସାଇ ଦିଆଯାଇଛି । ସେ ଏହି ଆଭିମୁଖ୍ୟ ଗ୍ରହଣ କରିଥିଲେ ଯେ ଘଟଣା ଦିନ ସେ କାରାଗାରର ସବ୍ଜି ପଞ୍ଚାଠାରେ କାର୍ଯ୍ୟରତ ଥିଲେ ଏବଂ କାର୍ଯ୍ୟରତ ଲମ୍ବରଦାରଙ୍କ ଦ୍ୱାରା ବଜାଯାଇଥିବା ହୁଇସିଲ୍ ଶବ୍ଦ ଶୁଣି ବ୍ୟାରାକକୁ ଆସିଥିଲେ, ଏବଂ ସେତେବେଳେ ଜାଣିବାକୁ ପାଇଲେ ଯେ ରଣବୀର ଆହତ ଅବସ୍ଥାରେ ପଡ଼ି ରହିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ, ତାଙ୍କୁ ଆହତ ଅବସ୍ଥାରେ ଦେଖି ସେ ତାଙ୍କ ମୁଣ୍ଡରେ ପଟି ବାନ୍ଧିବା ଆରମ୍ଭ କରିଥିଲେ ଏବଂ ପଟି ବାନ୍ଧିବା ସମୟରେ ହିଁ ସେ ନିଜେ ଅଚେତ ହୋଇଯାଇଥିଲେ ଏବଂ ତା'ପରେ ହସ୍ପିଟାଲରେ ତାଙ୍କର ଚେତା ଫେରିଥିଲା ।

ଆବେଦନକାରୀଙ୍କ ବିରୋଧରେ ଅଣାଯାଇଥିବା ଅଭିଯୋଗକୁ ପ୍ରମାଣିତ କରିବା ପାଇଁ, ଅଭିଯୋଜନ ମୁଖ୍ୟତଃ ରାମ ଫଲ (ପି. ଡବ୍ଲ୍ୟୁ.3) ଏବଂ ଜେଲ୍ ୱାର୍ଡେନ ଚନ୍ଦର ସିଂ (ପି. ଡବ୍ଲ୍ୟୁ. 7) ଙ୍କ ପ୍ରତ୍ୟକ୍ଷଦର୍ଶୀ ବୟାନ ଉପରେ ନିର୍ଭର କରିଥିଲା । ମାନ୍ୟବର ଉଭୟ ନିମ୍ନ ଅଦାଲତ ଏହି ନିଷ୍କର୍ଷରେ ପହଞ୍ଚିଥିଲେ ଯେ ଉପରୋକ୍ତ ଦୁଇ ଜଣ ସାକ୍ଷୀ ସ୍ୱାଭାବିକ, ବିଶ୍ୱସନୀୟ ଏବଂ ସ୍ୱାଧୀନ ସାକ୍ଷୀ ଥିଲେ ଏବଂ ସେମାନଙ୍କୁ ଅବିଶ୍ୱାସ କରିବାର କୌଣସି କାରଣ ନଥିଲା । ଯେହେତୁ ସେମାନଙ୍କର ପ୍ରମାଣ, ଡାକ୍ତରୀ ପ୍ରମାଣ ଏବଂ ତୁରନ୍ତ ଦାୟର କରାଯାଇଥିବା ପ୍ରାଥମିକ ସୂଚନା ବିବରଣୀ ଦ୍ୱାରା ଯଥେଷ୍ଟ ଭାବରେ ପ୍ରମାଣିତ ହୋଇଥିଲା, ତେଣୁ ନିମ୍ନ ଅଦାଲତଗୁଡ଼ିକ ଆବେଦନକାରୀଙ୍କ ବିରୋଧରେ ନିଜ ନିଜର ସିଦ୍ଧାନ୍ତ ଲିପିବଦ୍ଧ କରିଥିଲେ ।

ଆମେ ନିଜେ ନଥିରେ ଥିବା ସମସ୍ତ ସାକ୍ଷ୍ୟପ୍ରମାଣକୁ ବିସ୍ତୃତ ଭାବେ ଅନୁଧ୍ୟାନ କରିଛୁ ଏବଂ ନିମ୍ନ ଅଦାଲତଗୁଡ଼ିକ ଦ୍ୱାରା ଦିଆଯାଇଥିବା ଏକାଭଳି ନିଷ୍ପତ୍ତିରେ ହସ୍ତକ୍ଷେପ କରିବାର କୌଣସି କାରଣ ଦେଖୁନାହୁଁ, କାରଣ ସେଗୁଡ଼ିକ ସାକ୍ଷ୍ୟପ୍ରମାଣର ଏକ ବିସ୍ତୃତ ଓ ସଠିକ୍ ମୂଲ୍ୟାଙ୍କନ ଉପରେ ଆଧାରିତ ଏବଂ ଯୁକ୍ତିଯୁକ୍ତ ତଥା ବିଶ୍ୱାସଯୋଗ୍ୟ କାରଣ ଉପରେ ପ୍ରତିଷ୍ଠିତ । ତେଣୁ ଆଇ. ପି. ସି. ର ଧାରା 302 ଅନୁଯାୟୀ ଆବେଦନକାରୀଙ୍କ ଦୋଷୀସାବ୍ୟସ୍ତକୁ ବଜାୟ ରଖାଯିବା ଆବଶ୍ୟକ ।

ବର୍ତ୍ତମାନ ଦଣ୍ଡାଦେଶ ବିଷୟକୁ ଆସିଲେ ଆମେ ଦେଖିବାକୁ ପାଉଛୁ ଯେ, ନିମ୍ନ ଅଦାଲତଗୁଡ଼ିକ ଦ୍ୱାରା ଆବେଦନକାରୀଙ୍କୁ ମୃତ୍ୟୁଦଣ୍ଡ ଭଳି ଚରମ ଦଣ୍ଡ ଦେବା ଉଚିତ ବୋଲି ବିଚାର କରିବା ପଛର ମୁଖ୍ୟ କାରଣ ଥିଲା ଯେ, ଆବେଦନକାରୀ ଜଣକ ପୂର୍ବରୁ ଏକ ହତ୍ୟାକାଣ୍ଡ ଘଟାଇଥିଲେ ଯେଉଁଥିପାଇଁ ସେ ସେହି ସମୟରେ ଆଜୀବନ କାରାଦଣ୍ଡ

ଭୋଗୁଥିଲେ ଏବଂ ସାମୟିକ କାରାମୁକ୍ତି ପାଇଥିବା ଥିବା ସମୟରେ ସେ ଆଉ ଏକ ହତ୍ୟାକାଣ୍ଡ ଘଟାଇଥିଲେ । ନିଃସନ୍ଦେହରେ, ମୃତ୍ୟୁଦଣ୍ଡ ପ୍ରଦାନ ପ୍ରଶ୍ନ ଉପରେ ବିଚାର କରିବା ସମୟରେ ଜଣେ ଅପରାଧୀର ଅପରାଧିକ ପ୍ରବୃତ୍ତିକୁ ଏକ କାରକ ଭାବରେ ବିଚାରକୁ ନେବା ଆବଶ୍ୟକ, କିନ୍ତୁ ଏହା ଏପରି ଦଣ୍ଡ ପାଇଁ ଏକମାତ୍ର ଆଧାର ହୋଇପାରିବ ନାହିଁ; କାରଣ ଅପରାଧ ସହ ଜଡ଼ିତ ଅନ୍ୟ ସମସ୍ତ କାରକ ଯେପରିକି ଅପରାଧର ଉଦ୍ଦେଶ୍ୟ, କାରଣ ଏବଂ ଏହାର ଭୟାବହତାକୁ ମଧ୍ୟ ବିଚାରକୁ ନିଆଯିବା ଉଚିତ । ଏହି ମାମଲାର ସମସ୍ତ ସତ୍ୟ ଓ ପରିସ୍ଥିତିକୁ ସାମଗ୍ରିକ ଭାବେ ବିଚାର କଲେ, ଆମକୁ ଏହା ଜଣାପଡୁନାହିଁ ଯେ ଏହା ବିରଳରୁ ଅତି ବିରଳ ମାମଲାଗୁଡ଼ିକ ମଧ୍ୟରୁ ଗୋଟିଏ, ଯେଉଁଠାରେ ଆବେଦନକାରୀଙ୍କୁ ମୃତ୍ୟୁଦଣ୍ଡ ଦିଆଯିବା ଉଚିତ । ତେଣୁ, ଆମେ ଆଇ.ପି.ସି ର ଧାରା 302 ଅନୁଯାୟୀ ଦୋଷୀ ସାବ୍ୟସ୍ତ ହୋଇଥିବା ଆବେଦନକାରୀଙ୍କ ଉପରେ ଲାଗୁ ହୋଇଥିବା ମୃତ୍ୟୁଦଣ୍ଡକୁ ପରିବର୍ତ୍ତନ କରି ଆଜୀବନ କାରାଦଣ୍ଡରେ ପରିବର୍ତ୍ତନ କରୁଛୁ, କିନ୍ତୁ 5,000/- ଟଙ୍କା ଜରିମାନା ସହିତ ଏବଂ ଜରିମାନା ଅନାଦେୟ ହେଲେ ଅତିରିକ୍ତ ଦଣ୍ଡାଦେଶ ଭୋଗିବାକୁ ପଡିବ । ତେଣୁ ଆବେଦନର ଫଏସଲା କରାଗଲା ।

ଆର୍. ପି. — ଆବେଦନର ଫଏସଲା କରାଗଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର:**

***ଶ୍ରୀ ଜଟାଧାରୀ ସେଠୀ***

ଉପବିଭାଗ ଅଧିକାରୀ (ଅନୁବାଦ), ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।